ସକାଳ
THE SAKALA



www.sakalaepaper.com

## ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ

# ଚାଉଳ ଚୋରି ବେଳେ ମାଡ଼ିବସିଲେ ଗ୍ରାମବାସୀ

ଲାଞ୍ଜିଗଡ଼, ୬ ।୩(ସମିସ)

ସରକାର ଆବାସିକ ବିଦ୍ୟାଳୟମାନଙ୍କରେ ଉନ୍ନତମାନର ଶିକ୍ଷା ସମେତ ପିଲାଙ୍କ ରହିବା ଖାଇବାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ହେଲେ ସ୍କୁଲ ଦାୟିତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀ ମାନେ ଘୂର୍ଣ୍ଣ କାମକରିବାକୁ ପଛାଉନାହାନ୍ତି। ଗରିବ, ଆଦିବାସୀ ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ଖାଇବା ବାବଦକୁ ଆସିଥିବା ଚାଉଳକୁ ରାତିଅଧିଆ ବିକିବାକୁ ପ୍ରୟାସ କରି ହଟହଟା ହେଉଛନ୍ତି। ଚତୁରତାର ସହିତ ଅଖା ବସ୍ତା ବଦଳରେ ସିମେଣ୍ଟ ବସ୍ତାରେ ଚାଉଳ ପୁରାଇ ରାତି ଅଧରେ ପାଚେରୀ ଡିଆଁଇ ଏକ ବଲେରୋ ପିକଅପ୍ ଯୋଗେ ୪ କୁଇଣ୍ଟାଲ ଚାଉଳ ଚୋରା ଚାଲାଣ ସମୟରେ ସ୍ଥାନୀୟ ଲୋକେ ହଠାତ୍ ମାଡି ବସିଥିବା ବେଳେ ଆବାସିକ ବିଦ୍ୟାଳୟ ଦାୟିତ୍ୱରେ ଥିବା ମେଟ୍ରୋମ ଚୂଳେନ୍ଦ୍ରି ସାହୁ ସମେତ ୪ ପ୍ୟାକେଟ ଚାଉଳ ଜବତ କରି ପଚରାଉଚରା କରିଥିଲେ ଗ୍ରାମବାସୀ। ହେଲେ ମେଟ୍ରୋମ ଚୁଳେନ୍ଦ୍ରି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିବାରୁ ଏହା ଚୋରି ଚାଉଳ ବୋଲି ଗ୍ରାମବାସୀ ସ୍ପଷ୍ଟ ସନ୍ଦେହ କରିଥିବା ଜଣାପଡ଼ିଛି ।ଏପଟେ ଘଟଣାରେ ଲିପ୍ତ ଥିବା ବଲେରୋ ପିକଅପ୍ ଘଟଣାସ୍ଥଳରୁ ଫେରାର ମାରିଥିବାରେ ସକ୍ଷମ ହୋଇଛି । ଏହି ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ମୋବାଇଲରୁ ମୋବାଇଲକୁ ଚାଉଳ ଚୋରି ସମୟର ଫଟୋ ଓ ଭିଡିଓ ଘୁରି ବୁଲୁଛି । ଏଭଳି ଏକ ନିନ୍ଦନୀୟ ଘଟଣା ଘଟିଛି ଲାଞ୍ଜିଗଡ଼ ବ୍ଲକ ବିଜେପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ । ସୂଚନାଯୋଗ୍ୟ ବିଦ୍ୟାଳୟର ପ୍ରାୟ ୨କୁଇଣ୍ଟାଲ ତଥା ୪ପ୍ୟାକେଟ ଚାଉଳ ସୋମବାର ରାତିଅଧିଆରେ ସ୍କୁଲ ପାଚେରୀ ଡିଆଇଁ ବଲେରୋ ପିକଅପ୍‌ରେ ଲୋଡ଼ କରି ଚୋରା ଚାଲାଣ କରୁଥିବା ବେଳେ ସ୍ଥାନୀୟ ଲୋକେ ହଠାତ୍ ଜମା ହୋଇଯିବାରୁ ବିଦ୍ୟାଳୟ ମେଟ୍ରୋମ ଚୁଳେନ୍ଦ୍ରି ସାହୁର ଅକଲ ଗୁଡୁମ ହୋଇଛି। ତେବେ ଏହା ଚୋରି ଚାଉଳ ବୋଲି ଗାଁ ଲୋକେ ସ୍ପଷ୍ଟ ଜାଣିଥିଲେ ସୁଦ୍ଧା ଘଟଣାକୁ ଚାପିଦେବାକୁ ଉଦ୍ୟମ କରି ପୁଲିସକୁ ନଜଣାଇ ସେହି ଚୋରି ଚାଉଳକୁ ଜବତ କରି ସ୍କୁଲ ଦାୟିତ୍ୱରେ ଥିବା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜିମା ଦେଇଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଗରିବ ନିରୀହ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପେଟକୁ ଲାତ ମାରି ସେମାନଙ୍କ ମୁହଁର ଦାନାକୁ ଚୋରି କରି ଉଦ୍‌ମୁଖା ପିନ୍ଧିଥିବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁ ଚରଣ ବେହେରାଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଛୁଟିରେ ଅଛି ମତେ ଗାଁ ଲୋକେ ଏ ସମ୍ପର୍କରେ ଫୋନ୍ କଲା ପରେ ମୁଁ ଜାଣିଲି ଏହାରି ଉପରେ ମୁଁ ମୋ ଉପରସ୍ତ ଅଫିସରଙ୍କୁ ଜଣାଇବି ବୋଲି କହିଛନ୍ତି।



## କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପାଇଁ ଏଆଇ ବ୍ୟବହାର କର୍ମଶାଳା

ଭବାନୀପାଟଣା, ୬ ।୩ (ସମିସ): ଓଡ଼ିଶା ଏଆଇ ନୀତି-୨୦୨୫ର ଉଦ୍ଦେଶ୍ୟ ଏବଂ 'ଏଆଇ ଫର ଅଲ୍'ର ଦୂରଦୃଷ୍ଟି ଆଧାରରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଲାଗି 'ଏଆଇ ଟୁଲ୍ ଫର ଅପରେଶନାଲ ଏକ୍ସିଲେନ୍ସ'ଶୀର୍ଷକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଓ ଓ ସିଏସି ଦ୍ୱାରା ପରିଚାଳିତ ଏବଂ ଇଏଣ୍ଡ ଆଇଟି ବିଭାଗ ଅଧୀନସ୍ଥ ଓକେସିଏଲଏ ଦ୍ୱାରା କର୍ମଶାଳା କାର୍ଯ୍ୟକାରୀ ହୋଇଥିଲା। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ଦୈନନ୍ଦିନ କାର୍ଯ୍ୟକୁ ସ୍ୱୟଂଚାଳିତ କରି କାର୍ଯ୍ୟାଳୟର ଉତ୍ପାଦନଶୀଳତା ବୃଦ୍ଧି କରିବା, ତୁରନ୍ତ ତଥ୍ୟ ଅନୁଶୀଳନ ଏବଂ ପ୍ରାଥମିକ ବିଶ୍ଳେଷଣାଳକ ଉପକରଣ ମାଧ୍ୟମରେ ଉନ୍ନତ ନିଷ୍ପତ୍ତି ଗ୍ରହଣ କରିବା। ଏଆଇ-ଆଧାରିତ ଯୋଗାଯୋଗ, ସୁଲଭତା ଏବଂ ସୂଚନା ପ୍ରସାରଣ ଉପକରଣର ବ୍ୟବହାର କରି ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଶାସନ ବ୍ୟବସ୍ଥାରେ ଏଆଇର ଦାୟିତ୍ୱବାନ ତଥା ପ୍ରଭାବଶାଳୀ ଉପଯୋଗ ପାଇଁ ଏକ ମୌଳିକ ମାନସିକତା ବିକାଶ କରିବା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ।




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଓକେସିଏଲ ର ସମ୍ବିତ ସୁଭାଶିଷ ସାହୁ, ଆକାଶ ବେହେରା, ଭାରତ ପ୍ରସାଦ ପଣ୍ଡିତ, ଜିଲ୍ଲା ଇଗଭର୍ଣ୍ଣାନ୍ସ ମ୍ୟାନେଜର ସଞ୍ଜୀବ କୁମାର ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ାରେ ସାଇବର ଥାନା ଆରମ୍ଭ



ନୂଆପଡ଼ା, ୬ ।୩(ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ନୂଆପଡ଼ା ଥାନା ପରିସରରେ ଆରମ୍ଭ ହେଲା ସାଇବର୍ ଓ ଅର୍ଥନୈତିକ ଅପରାଧ ଶାଖା। ଏହାକୁ ଆନୁଷ୍ଠାନିକ ଭାବେ ରାଜ୍ୟସ୍ତରରେ ଆଭାସୀ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ ଉଦ୍‌ଘାଟନ କରିଛନ୍ତି। ନୂଆପଡ଼ାରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଏସ୍ପି ଅମୃତପାଲ ସିଂ ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏସପି ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ବରିଷ୍ଠ ନାଗରିକ ସଙ୍ଘ ସଭାପତି କ୍ଷୀରୋଦ ନିବାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏସ୍‌ପି ରଞ୍ଜିତ ନାଏକ, ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର ପ୍ରମୁଖ ପରିଚାଳନା କରିଥିଲେ। ଏଣିକି ସାଇବର କିମ୍ବା ଅର୍ଥନୈତିକ ଅପରାଧ ପାଇଁ ଏହି ଥାନା ଜରିଆରେ ଲୋକଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## କେସିଙ୍ଗା ଥାନାର ନୂତନ କୋଠା ଉଦ୍‌ଘାଟିତ




କେସିଙ୍ଗା, ୬ ।୩(ସମିସ): ବିଜେପି ସରକାର କ୍ଷମତାରେ ଆସିବା ପୂର୍ବରୁ ବିଜେଡି ସରକାର ଅମଳରେ କେସିଙ୍ଗା ଆଦର୍ଶ ଥାନାର ନୂତନ କୋଠା ନିର୍ମାଣ ପାଇଁ ପଡ଼ିଥିବା ଭିତ୍ତିପ୍ରସ୍ତର ଶୁକ୍ରବାର ଦିନ ଉଦ୍‌ଘାଟନ ହୋଇଛି।କେସିଙ୍ଗା ଥାନା ଜିଲ୍ଲାରେ ଆଦର୍ଶ ଥାନାର ମାନ୍ୟତା ପାଇଥିଲେ ମଧ୍ୟ ପୁରୁଣା ଛୋଟ ବିଲ୍ଡିଂରେ କାମ ହେଉଥିଲା। ଜଣେ ଥାନା ଅଧିକାରୀଙ୍କ ସମେତ ୫ ରୁ ୬ ଜଣ ଦ୍ୱିତୀୟ ପାହ୍ୟାର ଅଧିକାରୀଙ୍କ ଡେସ୍କ ସମେତ ଚୋରମାନଙ୍କ ପାଇଁ ସେଲ ସେହି ଗୋଟିଏ ବିଲ୍ଡିଂରେ କୁଚାକୁଚି ହୋଇ ଥିବାରୁ ଅନେକ ସମୟରେ ଥାନା ଅଧିକାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ।ନୂତନ ବିଲ୍ଡିଂ ତିଆରି ସରି ଅନେକ ଦିନ ବିତିଯାଇଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ ।କେସିଙ୍ଗା ଥାନା ବିଲ୍ଡିଂରେ ପ୍ରାୟ ୧ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କେସିଙ୍ଗା ଆଦର୍ଶ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମ କେସିଙ୍ଗା ଏସଡ଼ିପିଓ ସଦୀପ ମାଝୀ, ଥାନା ଅଧିକାରୀ ଜାତେନ୍ଦ୍ର ବିଶାଳ, ଏସ ଆଇ ରାହାସ ବିହାରି ସାହୁ, ଅରକ୍ଷିତ ମାଝୀ, ରାଜେଶ ପରିଡ଼ା, ରେଣୁକା ଖେଶ୍, ଏଏସଆଇ ଧନେଶ୍ୱର ସୁନାନୀ, ଶାନ୍ତିଲତା ବାରିକଙ୍କ ସମେତ କେସିଙ୍ଗା ନଗରପାଳ ନୃପରାଜ୍ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ପୂର୍ବତନ ନଗରପାଳ ରାମ କୁମାର ଜୈନ, ଶିଲୁ ପରିଡ଼ା, ନଳୀନ ପଟ୍ଟନାୟକ, ପ୍ରତାପ ବାଗ, ବଂଶୀ ପାଣି ସାହାଙ୍କ ସମେତ କେସିଙ୍ଗାର ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଓ କେସିଙ୍ଗା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରାସ୍ତା କଡ଼ରେ ବିପଦସଂଙ୍କୁଳ ଗଛ

କୋମନା, ୬ ।୩(ସମିସ): ନୂଆପଡ଼ା ଜିଲ୍ଲା କୋମନା ପୁରୁଣା ବ୍ଲକଛକରୁ କୋର୍ଟକୁ ଯାଉଥିବା ମୁଖ୍ୟ ରାସ୍ତା ମଝିରେ ଏକ ବିରାଟକାୟ ବୃକ୍ଷ ଏବେ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ପାଇଁ ମରଣଯନ୍ତା ସାଜିଛି। ଦୀର୍ଘ ଦିନ ହେବ ନିଦର୍ଶନ ଗଛଟି ରାସ୍ତା ମଝିରେ 'କାଳ' ସାଜି ଛିଡ଼ା ହୋଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କେହି ଦୃଷ୍ଟି ନଦେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବୃକ୍ଷଟି ରାସ୍ତାକଡ଼ରେ ଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନର କ୍ଷୟକ୍ଷତି ହେଉଛି। ବିଶେଷ କରି ରାସ୍ତା ଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନର କୁନିକୁନି ପିଲାମାନେ ପ୍ରତିଦିନ ଯାତାୟାତ କରୁଛନ୍ତି।ରାତି ସମୟରେ ଗଛ ଦୂରରୁ ସ୍ପଷ୍ଟ ଦେଖାଯାଉ ନଥିବାରୁ ଗାଡ଼ି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏହି ସମ୍ପର୍କରେ ଖବର ପ୍ରକାଶ ପାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଭାଗୀୟ ଅଧିକାରୀଙ୍କ ଏଭଳି ନୀରବତା ଏବଂ ଦାୟିତ୍ୱହୀନତାକୁ ଅଞ୍ଚଳବାସୀ ଦୁଃଖଦାୟକ ବୋଲି କହିଛନ୍ତି। କୌଣସି ଏକ ବଡ଼ ଧରଣର ଅଘଟଣ ଘଟିବା ପରେ କ'ଣ ପ୍ରଶାସନର ନିଦ ଭାଙ୍ଗିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।ତୁରନ୍ତ ବୃକ୍ଷକୁ ସେଠାରୁ ହଟାଇ ରାସ୍ତାକୁ ବିପଦମୁକ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ଲାଞ୍ଜିଗଡ଼, ୬ ।୩ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଲାଞ୍ଜିଗଡ଼ରୋଡ଼ ରାଧାକୃଷ୍ଣ ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଷୋହଳ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦୁର୍ଭଟା ଗାଁ ପୋଖରୀରୁ ଲାଞ୍ଜିଗଡ଼ରୋଡ଼ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାର ଅଧିବାସ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ସକାଳେ ନାମରମ୍ଭ ହୋଇ ରବିବାର ପୂର୍ଣ୍ଣାହୁତି ଓ ନଗର ପରିକ୍ରମା ହେବ ବୋଲି ଜଣାପଡ଼ିଛି ।ନାମଯଜ୍ଞରେ କର୍ତ୍ତା ଭାବେ ନୃପରାଜ ଗଉଡ଼ ଓ ତାଙ୍କ ଧର୍ମପତ୍ନୀ ସୁଷମା ଦାସ ଦାୟିତ୍ୱ ତୁଲାଉଛନ୍ତି। ରାଧାକୃଷ୍ଣ ପରିଚାଳନା କମିଟିର ନାଭି ଗହିର, ନାଭା ଗହିର, କେଦାର ରଣା, ତୁମ୍ବେଶ୍ୱର ଗହିର, ନିଳମଣୀ ଗହିର, ଯୁଗେଶ୍ୱର ଗହିର, ପିତାମ୍ବର ଗହିର, କବିରାଜ ଗହିର, ଅର୍ଜୁନ ଗହିର, ନଳିନ ଗହିର, କାହ୍ନା ନାଗ, ଆଶିଷ ଗଉଡ଼, ଟଙ୍କଧର ମାଝୀ, ପ୍ରବୀଣ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ଡିନେଶ କୁମାର ସ୍ୱାଇଁ, ବିପୁଳ ରାଉତ, ଦେବରାଜ ଗଉଡ଼, ପ୍ରତାପ ଗହିରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।



## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



କର୍ଲାମୁଣ୍ଡା, ୬ ।୩(ସମିସ): ରିଷିଡା ଗାନ୍ଧିନଗରପଡ଼ାର ଦୋଳପୂର୍ଣ୍ଣିମା ୪୭ବର୍ଷ ରେ ପଦାର୍ପଣ କରିଛି। ଏଥିଲାଗି ଚଳିତବର୍ଷ ଶ୍ରୀରାଧାକୃଷ୍ଣପୂଜା ସହିତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟ ପୂଜକ ଭାବେ ପ୍ରଶାନ୍ତ ପାଣିଗ୍ରାହୀ ଓ ସହଯୋଗୀ ଭକ୍ତରାମ ପୁଝାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ସତ୍ୟନାରାୟଣ କୁମାର ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା କୁମାର ରହିଥିଲେ। ସଭାପତି ତ୍ରମ୍ବନ ସୁନା, ସମ୍ପାଦକ ନରେନ୍ଦ୍ର ନାଗ, ଉପସଭାପତି ସତ୍ୟନାରାୟଣ କୁମାର, ସହସମ୍ପାଦକ ରାଉତ ସୁନା, ମିନିକେତନ ସୁନା, ଘାସିରାମ ସୁନା, ତ୍ରିନାଥ ନାଏକ, କବିରାଜ ନାଏକ, ଚ୍ୟାମେନ କୁମାର, ପ୍ରକାଶ ସୁନା, ବିବେକ ସୁନା, ଶ୍ୟାମସୁନ୍ଦର କୁମାର, ଦୈତରାମ ନାଏକ, ମିନୁ ସୁନା, ଗୋବର୍ଦ୍ଧନ କୁମାର, ସାଦବ ସୁନା, ତୁଳିଆ ନାଏକ, ପ୍ରବୀଣ କୁମାର, ସୁମନ୍ତ ସୁନା, ସୂର୍ଯ୍ୟମଣି ସୁନା, ଶତ୍ରୁଘନ ସୁନା, ବରୁଣ ସୁନା, ଗଣେଶ କୁମାର, ମଣ୍ଟୁ କୁମାର, ଜୈମନ୍ତ ସୁନା ସୌଭାଗ୍ୟ କୁମାର ଭରତ ଛତ୍ରିଆ, ଅର୍ଜୁନ ବେହେରା, ମୋହିତ ବାଗ, ଉତ୍ତମ ସୁନା, ଗୋପୀ ନାଗ, ସଞ୍ଜୟ କୁମାର, ହଂସରାଜ ସୁନା, ପ୍ରମୁଖ ସହଯୋଗ କରିଥିଲେ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ଭବାନୀପାଟଣା, ୬ ।୩(ସମିସ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ସହକାରୀ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଡାକସେବା ଉପଅଧିକ୍ଷୀକା ଆରତି ପୃଷ୍ଟି, ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ତନ୍ମୟ କୁମାର ଦରୱାନ ଶିବିରର ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆରତୀ ପୃଷ୍ଟି, ଜିଲ୍ଲା ଡାକସେବା ଉପଅଧିକ୍ଷୀକା ଡାକସେବା ଉପଲବ୍ଧ କରାଉଥିବା ଅନେକ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକସେବା ଶ୍ରୀ ମହାନନ୍ଦ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତକରଣ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ କିପରି ଡାକଘର ଏବଂ ବ୍ୟାଙ୍କରେ ଖାତା ଖୋଲି ନିଜର ସଞ୍ଚୟ ଅର୍ଥକୁ ସୁରକ୍ଷିତ ରଖିବା ସହିତ ଲାଭବାନ୍ ହେବେ ସୂଚନା ଦେଇଥିଲେ ।ଠକେଇ ଡିଜିଟାଲ କ୍ରାଇମରୁ କିପରି ଦୁରେଇ ରହିବେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ସମସ୍ତ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶିବିରକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ସଂଯୋଜନା ଓ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ପୁରୀତ ରଣା, ମୀନକେତନ ସାହୁ, ମିକୁମିକ୍ସ ନିଆଲ, ଅନୁକୁଳ ସାହାଣି ପ୍ରମୁଖ ସହଯୋଗ କରିଥିଲେ।



## ଟ୍ରାଫିକ ସମସ୍ୟା ନେଇ ନାଗରିକ କମିଟିର ବୈଠକ

ଜୁନାଗଡ଼, ୬ ।୩(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏକ ସର୍ବପୁରାତନ ସହର ଏବଂ କଳାହାଣ୍ଡି ଜିଲ୍ଲାର ପ୍ରମୁଖ ବାଣିଜ୍ୟକ ପେଣ୍ଠସ୍ଥଳୀ। ସହରରେ ଟ୍ରାଫିକସମସ୍ୟା ଗୁରୁତର ହୋଇପଡ଼ିଛି। ଟ୍ରାଫିକ ସମସ୍ୟା ନେଇ ଜୁନାଗଡ଼ ସ୍ଥିତ ଓରିଅନ୍ ହୋଟେଲରେ ସହରର ବୁଦ୍ଧିଜିବୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଜୁନାଗଡ଼ ର ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ଟ୍ରାଫିକ ସମସ୍ୟା ସହ ସହର ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ଜୁନାଗଡ଼ ରେ ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବରୁ ଉଦବେଗ ପ୍ରକାଶ ପାଇଥିଲା ।ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ ବିଭିନ୍ନ ଫୋରମ ସରକାର ଏବଂ ପ୍ରାଶାସନିକ ଅଧିକାରୀଙ୍କୁ ଭେଟି ଦାବି ପତ୍ର ଦେବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା ।ବୈଠକରେ ସହରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ବୁଦ୍ଧିଜିବୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାପରେ ସହରରେ ଟ୍ରାଫିକ ଏବଂ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଥାନା ଅଧିକାରୀ ଶେଷ ଦେବ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଇଶ୍ୱର ପୁଝାରୀ ସଭାପତିତ୍ୱ କରିଥିବା ବେଳେ ଦାମୋଦର ବେହେରା ସଭା ପରିଚାଳନା କରିଥିଲେ। ଅଶୋକ ପଟ୍ଟନାୟକ, ଅଶୋକ ପାତ୍ର, ଲଳିତ ଅଗ୍ରୱାଲ୍, ପ୍ରଭାତ ଦାସ, ବିଶ୍ୱନାଥ କର, ସାମ୍ବାଦିକ ଦେବେନ୍ଦ୍ର ବିଶି, ସନ୍ତୋଷ ସିଂହଦେଓ, ଆଦିତ୍ୟ ମହାନ୍ତି, ନରେନ୍ଦ୍ର କ୍ଷିତି, ଗୟାରମ୍ଭ ପୂଝାରୀ ଓ ଅରୁପକ୍ଷ ନନ୍ଦ ନାଗ, ତାପସ ସାହୁ, ରାଜେଶ ଅଗ୍ରୱାଲ, ହିମାଂଶୁ ଶେଖର ନାଏକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା

ସିନାପାଲି, ୬ ।୩(ସମିସ): ସିନାପାଲି ବ୍ଲକ ସିନାପାଲି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମକୁ ବିଇଓ ଯତୀନ୍ଦ୍ର କୁମାର ସେଠ ଉଦ୍‌ଘାଟନ କରିଥିଲେ ।ସ୍ଥାନୀୟ ସିଆରସିସି ବଂଶୀଧର ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ବିଇଓ ଶ୍ରୀ ସେଠ ଓ ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ ଯୋଗ ଦେଇଥିଲେ। ଶିକ୍ଷାଦାନ ସମୟରେ ପୁସ୍ତକର ମୌଖିକ ଶିକ୍ଷାଦାନ ଅପେକ୍ଷା ଶିକ୍ଷଣ ସାମଗ୍ରୀର ବ୍ୟବହାରିକ ଓ ଉଦାହରଣମୂଳକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିଥାଏ ଓ ଏହା କୋମଳମତି ପିଲାଙ୍କ ସ୍ମୃତିରେ ଦୀର୍ଘସ୍ଥାୟୀ ହୋଇପାରେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା ।ଦେବପୂଜନ ପରେ ଅତିଥିଙ୍କ ଦ୍ୱାରା ମେଳା ଉଦ୍‌ଘାଟିତ ହୋଇଥିଲା। କ୍ଲଷ୍ଟର ଅନ୍ତର୍ଗତ ପ୍ରାୟ ଦଶଟି ବିଦ୍ୟାଳୟ ମେଳାରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ସଭାର ଶେଷରେ ନିକୁଞ୍ଜ ବିହାରୀ ସା ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ସିଆରସିସି ଶ୍ରୀଜଗତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ସଂଘ ସଭାପତି ଶ୍ରୀ ମାଝୀ, କଇଁଟପଦର ସିଆରସିସି ପ୍ରଦୀପ କୁମାର ନାଏକ ଉପସ୍ଥିତ ଥିଲେ। ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟଳୟ ସିନାପାଲି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲସାପଡ଼ା, ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାପସିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କରି ପୁରସ୍କୃତ କରାଯାଇଥିଲା। ଉଭୟ ସଭାକୁ ଶିକ୍ଷକ ଅତୁଳ କୁମାର ପାତ୍ର ପରିଚାଳନା କରିଥିଲେ ।ଶେଷରେ ରଶ୍ମିପ୍ରଭା ମେହେର ଧନ୍ୟବାଦ ଦେଇଥିଲେ।



## ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ କମିଟି ବୈଠକ

# 'ନୋ ହେଲମେଟ ନୋ ପେଟ୍ରୋଲ' ନିୟମ କଡ଼ାକଡ଼ି

ନୂଆପଡ଼ା, ୬ ।୩(ସମିସ)

ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲା ସମସ୍ତଙ୍କୁ ସ୍ୱାଗତ କରି ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାପାଳ 'ନୋ ହେଲମେଟ ନୋ ପେଟ୍ରୋଲ' ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିନା ହେଲମେଟରେ ପେଟ୍ରୋଲ ଯୋଗାଇ ଦେଉଥିବା ପେଟ୍ରୋଲ ପମ୍ପ ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ। ଏହାସହ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପେଟ୍ରୋଲ ପମ୍ପଗୁଡ଼ିକରେ ଆକସ୍ମିକ ଚଢ଼ାଉ କରି ନିୟମ ପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସଡ଼କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୧୦ ଟି 'ହେଲମେଟ ହବ' ସ୍ଥାପନ କରିବା ସିଦ୍ଧାନ୍ତ କାର୍ଯ୍ୟକାରୀ ହେବ। ବେନିୟମ ଭାବରେ ଚଳାଚଳ କରୁଥିବା ଗାଡ଼ି ମଟର ଓ ମଦ୍ୟପ ଚାଳକ ମାନଙ୍କୁ ଚେକିଂ ବ୍ୟବସ୍ଥାକୁ କଡାକଡି ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଏସପିଙ୍କ ତରଫରୁ ପୋଲିସ କର୍ମଚାରୀ ନିୟୋଜିତ ହେବେ। ସେମାନେ ଆଞ୍ଚଳିକ ପରିବହନ ବିଭାଗ ଓ ଅବକାରୀ ବିଭାଗ ସହଯୋଗରେ ଏହାକୁ ବ୍ୟାପକ କରିବେ। ବୈଠକରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକ ଚିହ୍ନଟ କରି ସେଠାରେ ତୁରନ୍ତ ଖାଲଖମା ମରାମତି କରିବା ଉପରେ ମଧ ଜିଲ୍ଲାପାଳ ଜୋର ଦେଇଥିଲେ।




ପରିବହନ ଅଧିକାରୀ ଶର୍ମିଳା ମହାରଣା ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଦୁର୍ଘଟଣାପ୍ରବଣ ଅଞ୍ଚଳର ସଂଯୁକ୍ତ ନିରୀକ୍ଷଣ, ଆଇନ ପ୍ରୟୋଗ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ଦୁର୍ଘଟଣା ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଓ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ରାହତ ଯୋଜନା ଉପରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାଗଲା ଯେ ଜିଲ୍ଲାରେ ୨୦୨୫ ବର୍ଷରେ ମଦ୍ୟପ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ୧୪୫ ଟି ଏବଂ ବିନା ହେଲମେଟ ଚାଳକ ୪୬୭୯ ଜଣଙ୍କୁ ଚାଲାଣ ଜାରୀ ହୋଇଛି। ଗତ ବର୍ଷ ୧୪୯ ଟି ଦୁର୍ଘଟଣାରେ ୧୧୮ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୮୦ ଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ସମସ୍ତ ବିଡିଓ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ନୂଆପଡ଼ା, ଖଡିଆଳ ଓ ଖରୀଆର ରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ସିଭିଲ ସୋସାଇଟିରୁ ସାମ୍ବାଦିକ ଘନଶ୍ୟାମ ଭୋଇ, ଯାଜ୍ଞସେନୀ ମହାପାତ୍ର, ବିଜୟ ରାଉତରାୟଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହାପରେ ଜିଲ୍ଲାସ୍ତରୀୟ ଆମବସ୍ ଷ୍ଟାଣ୍ଡ ନୋଡାଲ କମିଟି ବୈଠକରେ ବସ୍ ଷ୍ଟାଣ୍ଡ ଓ ସରକାରୀ ବସ୍ ମାନଙ୍କ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା।



# କଲମପୁର ଥାନା ଲୋକାର୍ପିତ

**କଲମପୁର, ୬।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନାକୁ ଶୁକ୍ରବାର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଲୋକାର୍ପିତ କରିଛନ୍ତି। କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡର ପୂର୍ବତନ ଏସ୍‌ଡିପିଓ ଡୋଲାମଣୀ ଭୋଇ, ନୂତନ ଏସ୍‌ଡିପିଓ ଭର୍ଷିଥା ଆପୁଡେ, ନୂତନ ଥାନା ଅଧିକାରୀ ସୁନୀଲ ଓ କନ୍ଦାଗୋରୀ, କଲମପୁର ଥାନା ଏଏସ୍‌ଆଇ ଶିବ ଶଙ୍କର ମହାନ୍ତି, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ବ୍ଲକ ଅଧକ୍ଷ ତଥା ବରିଷ୍ଠ ନେତା ମହେନ୍ଦ୍ର ନାଥ ସାହୁ, ସାଂସଦ ପ୍ରତିନିଧି ଅରୁଣ କୁମାର ଜଗରିଆ, କଲମପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଥୁଆମୂଳରାମପୁର ମଣ୍ଡଳ ବିଜେପି ପ୍ରଭାରି ଘନଶ୍ୟାମ ନାଏକ ସମେତ ଶତାଧିକ ଜନ ସମାଗମ ହୋଇଥିଲା। ପ୍ରକାଶ ଯେ କଲମପୁର ଅଞ୍ଚଳ ଦୁଇଟି ଫାଣ୍ଡି ମାଧ୍ୟମରେ ନିୟନ୍ତ୍ରଣ ହୋଇ ଆସୁଥିବା ବେଳେ ଏହା ଜୟପାଟଣା ଥାନା ଅଧୀନରେ ରହି ଆସିଥିଲା। ଜନ ସାଧାରଣଙ୍କ ଦାବି ଫଳରେ କଲମପୁର ଫାଣ୍ଡିକୁ ପୂର୍ବତନ ସରକାର ଥାନାର ମାନ୍ୟତା ଦେଇ ଗତ ୯ ଜାନୁଆରି ୨୦୨୩ ରେ ଉଦ୍‌ଘାଟନ କରିଥିଲେ। ପିଡ୍ଲ୍ୟୁଡି ବିଭାଗର ପ୍ରକୋଷ୍ଠରେ ଅସ୍ଥାୟୀ ଥାନା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଦୁଇକୋଟି ଟଙ୍କା ଥାନା ଗୃହ ନିର୍ମାଣ ଲାଗି ଯୋଗାଇ ଦେଇଥିଲେ। ଥାନା ନିର୍ମାଣ କାର୍ଯ୍ୟ ପୋଲିସ ହାଉସିଂ ବୋର୍ଡ ତୁଲାଇ ଥିବା ବେଳେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରୁ ଆଜି ଜନସାଧାରଣଙ୍କ ଲାଗି ଲୋକାର୍ପିତ ହୋଇଯାଇଛି।




# ନର୍ଲା ଥାନାର ନୂତନ କୋଠା ଉଦ୍‌ଘାଟିତ

**ଭବାନୀପାଟଣା, ୬।୩(ସମିସ):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଭାସୀ ମାଧ୍ୟମରେ ନର୍ଲା ଥାନାର ନୂତନ କୋଠାର ଶୁଭ ଉଦ୍‌ଘାଟନ କରିଛନ୍ତି। ନର୍ଲା ଥାନାଧିକାରୀ ବିଜୟରାଜ ମାଝୀଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦିନିକିଆ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟର ନୂତନ ଥାନା କୋଠା ସବୁ ଭର୍ଚୁଆଲ ମୋଡରେ ଉଦ୍‌ଘାଟିତ ହୋଇଥିଲା। ସେହିକ୍ରମରେ ନର୍ଲାର ନୂତନ ଥାନା କୋଠା ମଧ୍ୟ ଉଦଘାଟିତ ହୋଇଛି। ନର୍ଲା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମନ୍ମୟ ଚାନ୍ଦ, ଚିରଞ୍ଜିବୀ ଗୌଡିଆ, ନିଳମଣି ସାହୁ, ନର୍ଲା ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, କୌତୁକ ଖମାରୀ, ଦୁର୍ଯ୍ୟୋଧନ କୁମାର, ନର୍ଲା ସରପଞ୍ଚ ତନୁଜା ହରପାଲ, ବାଗପୂର ସରପଞ୍ଚ ଗୋପାଳ ହାତୀ, ସେରଗଡ଼ ସରପଞ୍ଚ ରାହୁଲ ସାହୁ, ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା, ଘାସିରାମ ସାହୁ, ଜୟନ୍ତ ଗଉଡ, ମନ୍ମଥ ପୂଝାରୀ, କିଶୋର ମାଝୀଙ୍କ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ। ଡିଏସପି ମୁକ୍ତି କୁମାର କୁଲୁ ଏଥିରେ ଉପସ୍ଥିତ ଥିବାବେଳେ ନର୍ଲା ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୁକ୍ତା ପ୍ରଧାନ, ଏଏସଆଇ ଅବନୀ ରଞ୍ଜନ ଖୁରା, ପ୍ରିୟବ୍ରତ ବେହେରା, ପ୍ରଦୀପ କୁମାର ସେଠୀ, ପଙ୍କଜିନୀ ମାଝୀ, ଦଇମତି ମାଝୀ, ରବୀନ୍ଦ୍ର ତାଣ୍ଡି, କେତନ କରୁଆଁ, ନିଳେନ୍ଦ୍ର ପାତ୍ର, ରାହୁଲ ସୁନା, ଖଗେଶ୍ୱର ବାଗ, ସନ୍ତୋଷ ମହାପାତ୍ର, ମୋହନ ଚରଣ ପାତ୍ର, ଡମ୍ବରୁଧର ମାଝୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୬ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**ଜୁନାଗଡ଼, ୬।୩ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସହରସ୍ଥିତ ଭାଗବତଗୁଡି ମନ୍ଦିରରେ ୧୬ପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। କଳସ ଯାତ୍ରା ଭାଗବତ ମନ୍ଦିରରୁ ଶୁକ୍ରବାର ଅପରାହ୍ନରେ ସଙ୍କୀର୍ତ୍ତନ ମଣ୍ଡଳୀ ସହ ମହିଳା ଏବଂ ପୁରୁଷ ସହର ପରିକ୍ରମା କରି ହାତୀ ନଦୀକୂଳରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଶଙ୍କର ଲାଲ ଅଗ୍ରୱାଲ୍ ଓ ତାଙ୍କ ଧର୍ମପତ୍ନୀ ସୀମା ଅଗ୍ରୱାଲ୍ କର୍ତ୍ତା ଭାବେ ରହିଥିଲେ। ଭାଗବତ ଗୁଡି ୧୬ ପ୍ରହର ନାମଯଜ୍ଞ କମିଟିର ସଭାପତି ଆଶିଷ ଅଗ୍ରୱାଲ୍, କୋଷାଧ୍ୟକ୍ଷ ରାଜିନ ଅଗ୍ରୱାଲ୍, ସମ୍ପାଦକ ପାର୍ଥିବ ଖଡିକାର ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



# କେସିଙ୍ଗାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଖୋଲିବାକୁ ଦାବି

**କେସିଙ୍ଗା, ୬।୩(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ୨୦୧୪ ମସିହାରୁ ସିଭିଲ ଜଜଜୁନିୟର ଓ ଜେ ଏମଏଫସି କୋର୍ଟ କାର୍ଯ୍ୟକ୍ଷମ ଥିଲେ ମଧ୍ୟ ସିଭିଲ କୋର୍ଟର କ୍ଷମତା ୫୦ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷମତା ଥିବାରୁ ଲୋକ ଅନେକ ସମୟରେ ସିଭିଲ କେସ ପାଇଁ ଭବାନୀପାଟଣା କୋର୍ଟ ଉପରେ ନିର୍ଭର କରିଥାନ୍ତି। ଫଳରେ ଲୋକେ ଅତିରିକ୍ତ ଆର୍ଥିକ ବୋଝ ସହିତ ସମୟର ମଧ୍ୟ ଅପଚୟ ମଧ୍ୟ ବୋଝ ଉପରେ ନଳିତା ବିଡା ହୋଇ ଯାଉଛି।ସେଥି ପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଗତ ୨୨.୧୦.୨୦୨୧ ତାରିଖରେ ଜିଲ୍ଲା ନ୍ୟାୟାଳୟକୁ ଚିଠି ମାଧ୍ୟମରେ ଜିଲ୍ଲାର କୋଉଠି ସିନିୟର୍ ଡିଭିଜନ ସିଭିଲକୋର୍ଟ ଓ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଦାଲତ ସ୍ଥାପନା କରାଯିବ ତାହାର ରିପୋର୍ଟ ମାଗିଥିଲେ। କିନ୍ତୁ କୌଣସି କାରଣ ବଶତଃ ରିପୋର୍ଟ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ପ୍ରଦାନ କରାଯାଇନଥିଲା କି କୌଣସି ଉତ୍ତର ଦିଆଯାଇ ନ ଥିଲା। ଏହି କଥା ଜଣା ପଡ଼ିବା ପରେ କେସିଙ୍ଗା ବାରଆସୋସିଏସନ୍‌ର ସମ୍ପାଦକ ଆଡଭୋକେଟ ଯୁଗଳ କିଶୋର ଦୀପ ୧୭.୦୨.୨୦୨୬ ତାରିଖ ଦିନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ୨୦୨୧ ମସିହାର ଚିଠି ବିଷୟରେ ଜଣାଇ ଯଥା ଶୀଘ୍ର କେସିଙ୍ଗାରେ ଏକ ସିନିଅର ଡିଭିଜନ ସିଭିଲ କୋର୍ଟ ଓ ସ୍ଥାପନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଦାବିପତ୍ର ପ୍ରଦାନର ଦିନକ ପରେ ହାଇକୋର୍ଟ ବିଷୟକୁ ଗୁରୁତ୍ୱ ଦେଇ ପୁନର୍ବାର ଏକ ଚିଠି ୨୮୩୮/ ୧୮.୨.୨୦୨୬ଜିଲ୍ଲା ନ୍ୟାୟାଳୟକୁ ପଠାଇ କୋର୍ଟ ସ୍ଥାପନ ପାଇଁ ରିପୋର୍ଟ ମାଗିଥିବା ସମ୍ପାଦକ ପ୍ରକାଶ କରିଛନ୍ତି। କେସିଙ୍ଗା ବାର ଆସୋସିଏସନ୍ ଓ ସମ୍ପାଦକଙ୍କ କହିବା ଅନୁସାରେ ଯଦି କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ସିଭିଲ ଜଜ (ସିନିୟର୍ ଡିଭିଜନ)ବା ଏଡିଜେ କୋର୍ଟ ସ୍ଥାପନ ହେଲେ ପ୍ରାୟ ଲୋକ ଆର୍ଥିକ କ୍ଷତିରୁ ବଞ୍ଚିବା ସହିତ ସମୟର ମଧ୍ୟ ସଦୁପଯୋଗ କରିପାରିବେ। କେସିଙ୍ଗାବାର ଆସୋସିଏସନ୍ ଓ ସମ୍ପାଦକଙ୍କ ତରଫରୁ କେସିଙ୍ଗା ଅଞ୍ଚଳରେ ଜନହିତକର କାମ କରୁଥିବା ସମସ୍ତ ସମାଜସେବୀ, ସଂଗଠନ ଗୁଡ଼ିକୁ କେସିଙ୍ଗା ରେ ସିଭିଲ ଜଜ୍ ( ସିନିୟର୍ ଡିଭିଜନ) ବା ଏଡିଜେ କୋର୍ଟ ସ୍ଥାପନରେ ସହଯୋଗ ଓ ସମର୍ଥନ କରିବା ପାଇଁ ନିବେଦନ କରିଛନ୍ତି।

# ମାରୱାଡି ଯୁବାମଞ୍ଚର ନୂତନ କମିଟି ଗଠିତ

ସିନାପାଲି, ୬।୩ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ମାରୱାଡି ଯୁବାମଞ୍ଚର ରଙ୍ଗର ପର୍ବ ହୋଲି ମିଳନ ସହ ମଞ୍ଚର ନୂତନ କମିଟି ଗଠିତ ହୋଇଯାଇଛି। ନୂତନ କମିଟିର ସଭାପତି ଭାବରେ ହିରାଲାଲ ଅଗ୍ରୱାଲ, ଉପସଭାପତି ସୌରଭ କୁମାର ଜୈନ ଓ ନନ୍ଦକିଶୋର ଅଗ୍ରୱାଲ, ସମ୍ପାଦକ ଗଣେଶ କୁମାର ଅଗ୍ରୱାଲ, ସହସମ୍ପାଦକ ସୁମିତ କୁମାର ଜୈନ ଓ ପିୟୁସ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ଭାବରେ ରାଜେଶ କୁମାର ଅଗ୍ରୱାଲଙ୍କୁ ମନୋନିତ କରାଯାଇଥିଲା। ସେହିପରି କମିଟିର ଅମୃତଧାରା କନଭେନର୍ ଭାବରେ କମଲ ଅଗ୍ରୱାଲ, ରକ୍ତଦାନ କନଭେନର୍ ଅମିତ କୁମାର ଜୈନ, ଅରଗାନ୍ କନଭେନର୍ ରାଜେଶ ଅଗ୍ରୱାଲ, ଅକ୍ସିଜେନ୍ ସିଲିଣ୍ଡର ଦାୟିତ୍ୱରେ ପ୍ରବିଣ କୁମାର ଜୈନ, ୱେଲଫିୟର ମେମ୍ବର ମନୋଜ କୁମାର ଜୈନ, ଶାଖା ସଂଯୋଜକ ପ୍ରମୋଦ କୁମାର ଅଗ୍ରୱାଲ, ରାଷ୍ଟ୍ରୀୟ ସଭା ସଦସ୍ୟ ଭାବରେ ଦିନେଶ ଅଗ୍ରୱାଲ ଓ ମୁକେଶ କୁମାର ଅଗ୍ରୱାଲ, ପ୍ରାନ୍ତିୟ ସଭା ସଦସ୍ୟ ଉମା ଶଙ୍କର ଅଗ୍ରୱାଲ ଓ ରାଧେଶ୍ୟାମ ଜିନ୍ଦଲ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମଞ୍ଚକୁ ଅଧିକ ସୁସଂଗଠିତ କରିବା ସହ ଅଞ୍ଚଳରେ ଲୋକଙ୍କ ବିକାଶ ପାଇଁ ଅଧିକ ବ୍ରତି ହେବାକୁ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଜିର ସଭାରେ ସ୍ଥାନୀୟ ଅଗ୍ରେସନ ଭବନର ସଭାପତି ହରିପ୍ରସାଦ ଅଗ୍ରୱାଲ, କୋଷାଧକ୍ଷ ମଦନ ଗୋପାଲ ଅଗ୍ରୱାଲ, ସମାଜସେବୀ ପବନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



# ଗ୍ରାମ ବିକାଶ ଶିକ୍ଷା ନିକେତନରେ ଜାତୀୟସ୍ତରୀୟ ମୂଲ୍ୟାୟନ ଦଳର ତଦାରଖ

**ଥୁଆମୂଳରାମପୁର, ୬।୩ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକର କୁମୁଡାବାହାଲସ୍ଥିତ ଗ୍ରାମ ବିକାଶ ଶିକ୍ଷା ନିକେତନ ଆବାସିକ ବିଦ୍ୟାଳୟ ସରକାରଙ୍କ ତଥା ଶିକ୍ଷା ବିଭାଗ ଦ୍ୱାରା ଘୋଷିତ'ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ପୁରସ୍କାର ୨୦୨୫-୨୬'ପାଇଁ ରାଜ୍ୟସ୍ତରରେ ପୁରସ୍କୃତ ହୋଇ ବର୍ତ୍ତମାନ ଜାତୀୟସ୍ତର ପାଇଁ ମନୋନୀତ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟସ୍ତରର ଇଭାଲୁଏଟର ଟିମ୍ ବିଦ୍ୟାଳୟକୁ ଆସି ସମସ୍ତ କାର୍ଯ୍ୟକ୍ରମ ଓ ପରିବେଶ ଉପରେ ତଦାରଖ କରିଥିଲେ। ମୂଲ୍ୟାୟନ ଦଳରେ ବିହାର ରାଜ୍ୟରୁ ଆସିଥିବା ଇଭାଲୁଏଟର ରୋହିତ କୁମାର ସିଂ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଅକ୍ଷୟ କୁମାର ପଣ୍ଡା ଉପସ୍ଥିତ ରହି ବିଦ୍ୟାଳୟର ବିଭିନ୍ନ ଶିକ୍ଷାନକ ଓ ପରିବେଶମୂଳକ କାର୍ଯ୍ୟକ୍ରମକୁ ଖୁବ ନିକଟରୁ ପର୍ଯ୍ୟବେକ୍ଷଣ କରିଥିଲେ। ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା, ପରିବେଶ ସୁରକ୍ଷା, ହରିତ ପରିବେଶ ଗଠନ, ପାଣି ସଂରକ୍ଷଣ, ଓ ଛାତ୍ରଛାତ୍ରୀଙ୍କ ଜାଗୃକତା ସମ୍ବନ୍ଧୀୟ ବିଭିନ୍ନ ପ୍ରୟାସ ଓ କାର୍ଯ୍ୟକଳାପ ଉପରେ ସେମାନେ ତଦାରଖ କରିଥିଲେ। ଏହା ସହିତ ବିଦ୍ୟାଳୟରେ ପ୍ରଚଳିତ ସମସ୍ତ ଶିକ୍ଷାତକ କାର୍ଯ୍ୟକ୍ରମ, ପରିଚାଳନା ପ୍ରଣାଳୀ ଓ ସମ୍ବନ୍ଧିତ ଦସ୍ତାବିଜଗୁଡ଼ିକୁ ମଧ୍ୟ ମୂଲ୍ୟାୟନ ଦଳ ଯାଞ୍ଚ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଶିକ୍ଷା ଓ ପରିବେଶ ସଚେତନତାକୁ ଗୁରୁତ୍ୱ ଦେଇ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଦଳ ଉଚ୍ଚ ପ୍ରଶଂସା କରିଥିବା ସୂଚନା ମିଳିଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ କରିଥିଲେ। ମୂଲ୍ୟାୟନ ଦଳର ଆଗମନ ଓ ତଦାରଖ କାର୍ଯ୍ୟକ୍ରମ ବିଦ୍ୟାଳୟ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ହୋଇଥିବା ବେଳେ, ଆଗାମୀ ଦିନରେ ଜାତୀୟ ସ୍ତରରେ ମଧ୍ୟ ଏହି ବିଦ୍ୟାଳୟ ସଫଳତା ଅର୍ଜନ କରିବ ବୋଲି ଆଶା ପ୍ରକାଶ ପାଇଛି। ସଫଳତା ଫଳରେ ଅଞ୍ଚଳବାସୀ ଓ ଶିକ୍ଷାପ୍ରେମୀ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି।

# ଭାସିଯାଉଥିବା ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

**କୋକସରା, ୬।୩(ସମିସ):** ଇନ୍ଦ୍ରାବତୀ କେନାଲ ପାଣିରେ ଭାସିଯାଉଥିବା ଜଣେ ଯୁବକଙ୍କୁ କୋକସରା ଅଗ୍ନିଶମ ବିଭାଗ ମରଣ ମୁହଁରୁ ବଞ୍ଚାଇ ଆଣିଛି। ଉଦ୍ଧାର ଯୁବକ ହେଲେ କନ୍ଧାବୁଟୁରା ଗ୍ରାମର କୁମର ରାଉତ (୩୦ ବର୍ଷ) ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଯୁବକ କୁମର ରାଉତ ନିଜ ଗାଁ ନିକଟରେ ଯାଇଥିବା ଇନ୍ଦ୍ରାବତୀ କେନାଲକୁ ଗାଧୋଇବାକୁ ଯାଇ କେନାଲ ପାଣିରେ ଭାସି ଯାଇଥିଲେ। କାଶିବାହାଲ ଶିଆଲୋଟିପଡ଼ା ଗେଟ୍ ନମ୍ବର-୨୫ରେ ଯୁବକ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କୋକସରା ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି କେନାଲ ପାଣିରୁ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ଯୁବକ ମନାସିକ ବିକୃତ ଥିବା କହିଛନ୍ତି।

# କ୍ରୀଡ଼ାବିତ୍ ପ୍ରଫୁଲ୍ଲ କୁମାର ହରପାଲଙ୍କ ପରଲୋକ

**କୋମନା, ୬।୩(ସମିସ):** ଜଣେ ଆଦର୍ଶ ଶିକ୍ଷକ, ପ୍ରତିଷ୍ଠିତ ଫୁଟବଲ ଖେଳାଳି ତଥା ସୁଦକ୍ଷ ତବଲା ବାଦକ ପ୍ରଫୁଲ୍ଲ କୁମାର ହରପାଲଙ୍କର ୭୮ ବର୍ଷ ବୟସରେ ପରଲୋକ ଘଟିଛି। ଗତ ମାର୍ଚ୍ଚ ୩ ତାରିଖରେ ସେ ନିଜ କୋମନାସ୍ଥିତ ବାସ ଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।ବଡପୁଅ ସଲିଲ ହରପାଲ ମୁଖାଗ୍ନି ଦେଇଥିଲେ।୨୦୦୬ ମସିହାରେ ଶିକ୍ଷକତାରୁ ଅବସର ଗ୍ରହଣ କରିଥିବା ହରପାଲ କେବଳ ଶିକ୍ଷାଦାନ କ୍ଷେତ୍ରରେ ନୁହେଁ, ବରଂ କ୍ରୀଡ଼ା ଓ ସଂସ୍କୃତି ଜଗତରେ ଏକ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଜଣେ ଶକ୍ତିଶାଳୀ ଫୁଟବଲ ଖେଳାଳି ଏବଂ ପରବର୍ତ୍ତୀ ସମୟରେ ଜଣେ ନିରପେକ୍ଷ ରେଫରି ଭାବେ ବେଶ୍ ପରିଚିତ ଥିଲେ। କ୍ରୀଡ଼ା ସହିତ ସଙ୍ଗୀତ ପ୍ରତି ତାଙ୍କର ଗଭୀର ଅନୁରାଗ ରହିଥିଲା। ତାଙ୍କର ବିୟୋଗରେ କୋମନା ତଥା ନୂଆପଡ଼ା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

# ଜଳିଗଲା ପରିବା ଦୋକାନ



**କୋକସରା, ୬।୩(ସମିସ):** ଜାତୀୟ ରାଜପଥ ୨୬ କୋକସରା ବ୍ଲକ ଆମପାଣି ମୁଖ୍ୟଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ପରିବା ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି।ସୂଚନାନୁସାରେ, ଗ୍ରାମର ଶାନ୍ତିଲତା ସୁନା ଦୀର୍ଘ ବର୍ଷ ହେବ ରାସ୍ତା ପାର୍ଶ୍ୱରେ ଦୋକାନ କରି ଫଳମୂଳ ଓ ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଗୁରୁବାର ରାତିରେ ଦୋକାନରେ ନିଆଁ ଲାଗି ଯାଇଥିଲା।ପରିବାର ଲୋକେ ନିଆଁ ଲିଭାଇବାକୁ ଅନେକ ଚେଷ୍ଟା କରିଥିଲେ କିନ୍ତୁ ନିଆଁଟି ସମ୍ପୂର୍ଣ ଅଣାୟତ ହେବାରୁ ସେମାନେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇ ଥିଲେ। ହେଲେ ନିଆଁରେ ପୋଡ଼ି ଦୋକାନ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି।ଦୋକାନରେ ଥିବା ସମସ୍ତ ଫଳମୂଳ, ପନିପରିବା ତଥା ବହୁ ମୂଲ୍ୟ ସାମଗ୍ରୀ ନଷ୍ଟ ହୋଇ ଯାଇଛି। ଆମପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ସ୍ୱଷ୍ଟ ଜଣାପଡ଼ିନାହିଁ। ଶାନ୍ତିଲତାଙ୍କ ସ୍ୱାମୀ ଭୁବନେଶ୍ୱର ସୁନାଙ୍କ ପକ୍ଷାଘାତ ହେବା ପରେ ସେ ଦୋକାନ କରି ନିଜ ପରିବାର ପ୍ରତି ପୋଷଣ କରୁଥିଲେ।ଶାନ୍ତିଲତାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଖେଲୋ ଇଣ୍ଡିଆ ତାଲିମ କେନ୍ଦ୍ରରେ ଆନ୍ତର୍ଜାତିକ ମହିଳା ଦିବସ

**ଲାଞ୍ଜିଗଡ଼, ୬।୩ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ସ୍ଥିତ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଖେଲୋ ଇଣ୍ଡିଆ ତାଲିମ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ-୨ ଅଧକ୍ଷ ଉମାକାନ୍ତ ବେଣୁପାଣି, ତିରନ୍ଦାଜ କୋଚ୍ ସୀମାଞ୍ଚଳ କାତ୍ରାକା ଓ ଶମ୍ଭୁନାଥ ପରିଡ଼ା, ଏଥେଲେଟିସ କୋଚ୍ ସମିର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଖେଲୋଇଣ୍ଡିଆ କେନ୍ଦ୍ରର ପ୍ରଶିକ୍ଷିକା ଦୋଲେଶ୍ୱରୀ ମାଝୀଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦୦ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ଶାରୀରିକ ଫିଟନେସ, ପୋଷଣ ଏବଂ ମାନସିକ ସ୍ୱଚ୍ଛତା ସକାଶେ ସାମୂହିକ ଯୋଗ ଅଧିବେଶନ ବିଷୟରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ମାଟିର ସଫଳତା ପାଇଁ ଛାତ୍ରୀମାନେ ଗୋଟିଏ ଗୋଟିଏ ପ୍ରମୁଖ ଅଂଶ ବିଶେଷ ସୁତରାଂ ଏମାନଙ୍କ ଜୀବନ ଧାରରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହିତ ଏମାନଙ୍କୁ ସଶକ୍ତିକରଣ କରିବାର ଧାରା ଆମେ ଜାରି ରଖିଛୁ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପାଢ଼ୀ ମତ ପ୍ରକାଶ କରିଛନ୍ତି।



# ବିକାଶ ଡିଗ୍ରୀ କଲେଜରେ ମ୍ୟାନେଜମେଣ୍ଟ ଡେଭଲମେଣ୍ଟ କାର୍ଯ୍ୟକ୍ରମ

**ଭବାନୀପାଟଣା, ୬।୩(ସମିସ):** ସ୍ଥାନୀୟ ଲକ୍ଷ୍ମୀ ବିକାଶ ହାୟର ଏଡୁକେସନାଲ୍ ଇନ୍‌ଷ୍ଟିଟ୍ୟୁସନ୍ସ, ଭବାନୀପାଟଣାରେ ଭାରତ ସରକାରଙ୍କ ଅଧୀନସ୍ଥ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପକ୍ଷରୁ ଏଣ୍ଟ୍ରେପ୍ରେନରଶିପ୍ ଉପରେ ଏମ୍‌ଡିପି. ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି.ଶ୍ୟାମ, ଡି.ରାମ କୁମାର, ଏକାଡେମିକ୍ ଇନ୍‌ଚାର୍ଜ୍ ଡି.ବିଜୟା ଓ ପରିଚାଳନା ମଣ୍ଡଳୀର ସଦସ୍ୟା ଡି.ପଦ୍ମିନୀଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜୀବନଜ୍ୟୋତି ଓଝା, ପ୍ରଶିକ୍ଷଣ ଅଧିକାରୀ, ସିଟିଟିସି, ଭବାନୀପାଟଣା ଦେବାଶିଷ ଦେଓ, ରଞ୍ଜନ କୁମାର ଗିରି, ସ୍ନେହା ସିଂହ ଓ ସତବିର ସିଂହ ପ୍ରଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟମିତା ସଚେତନତା ବୃଦ୍ଧି କରିବା ସହିତ ପ୍ରଶାସନିକ ଓ ନେତୃତ୍ୱ କୌଶଳ ଉନ୍ନତ କରିଥିଲେ। କାର୍ଯ୍ୟକ୍ରମ ସଫଳ କରିବାରେ ପ୍ରଫେସର୍ ପ୍ରଜ୍ଞା ପରିମିତା ଜେନା ମୁଖ୍ୟ ଭୂମିକା ନିଭେଇଥିଲେ। ଅନୁଷ୍ଠାନର ସମସ୍ତ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।




# ଇଂରାଜୀ ବିଭାଗର ଜାତୀୟ ସମ୍ମାନ ଉଦ୍‌ଘାଟିତ

**ଭବାନୀପାଟଣା, ୬।୩ (ସମିସ):** ଇଣ୍ଟିଗ୍ରେସନ ଅଫ୍ ଇଣ୍ଡିଆନ ନଲେଜ ସିଷ୍ଟମ ଇନ କରିକୁଲମ ଏଜ ପର୍ ନ୍ୟାସନାଲ ଏଜୁକେସନ ପଲିସି-୨୦୨୦' ଶୀର୍ଷକରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମ ତଥା ପିଏମ୍ ଉଷାର ସହଯୋଗରେ ଦ୍ୱି ଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରତୀୟ ସଂସ୍କୃତି ଯେମିତି ବିଶ୍ୱ ସଂସ୍କୃତିକୁ ପ୍ରଭାବିତ କରିଛି, ଠିକ୍ ସେହିଭଳି ଭାରତୀୟ ଜ୍ଞାନ ବ୍ୟବସ୍ଥା ବିଶ୍ୱ ଜ୍ଞାନ କୌଶଳକୁ ମଧ୍ୟ ପ୍ରଭାବିତ କରିଛି। ସାମ୍ପ୍ରତିକ ସମୟରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଉପଯୋଗିତା ସମ୍ପର୍କରେ ବିଶଦଭାବେ ଆଲୋଚନା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଉଦ୍‌ଘାଟକ ଭାବେ ଉପସ୍ଥିତ ହୋଇ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ଡିନ୍ ତଥା ଭାରତୀୟ ଜ୍ଞାନ ବ୍ୟବସ୍ଥାର ମୁଖ୍ୟ ପ୍ରଶିକ୍ଷକ ଭରତ ଦାସ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ହୋଇ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଆବଶ୍ୟକତା, ସୁଯୋଗ ଓ ଦାୟିତ୍ୱ ସମ୍ପର୍କରେ ଦୃଷ୍ଟାନ୍ତମୂଳକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କୁଳସଚିବ ଡକ୍ଟର ଗୁଣନିଧି ନାଏକ ଉପସ୍ଥିତ ହୋଇ ଜାତୀୟ ସମ୍ମାନର ଗୁଣାନକ ଦିଗ ବିଷୟରେ କହିଥିଲେ। ଉପକୁଳସଚିବ ତଥା ଇଂରାଜୀ ବିଭାଗର ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ ଉକ୍ତ ସମ୍ମାନର ପୃଷ୍ଠପୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ପିଏମ୍ ଉଷାର ନୋଡାଲ ଅଫିସର ଡକ୍ଟର ରାଜକିଶୋର ମାହାନା ପିଏମ୍ ଉଷା ତଥା ଜାତୀୟ ସମ୍ମାନର ମହତ୍ତ୍ୱ ଉଲ୍ଲେଖ କରିଥିଲେ। ଅନୁରାଗ ଦେଶପାଣ୍ଡେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଉପାଦାନ ବିଷୟରେ, ରାଜେଶ ପାଣ୍ଡେ କୃଷିଜଳ ପରିଚାଳନା ବିଷୟରେ, ଡକ୍ଟର ଶୈଳାଦିତ୍ୟ ଶତପଥି ଯୋଗ ଓ ଦର୍ଶନ ବିଷୟରେ, ଡକ୍ଟର ଝରଣାରାଣୀ ଧଙ୍ଗଡ଼ାମାଝୀ ତନ୍ତ୍ରୋକ୍ତି ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଝରଣାରାଣୀ ଧଙ୍ଗଡ଼ାମାଝୀ ମଞ୍ଚପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ସୁବ୍ରତ କୁମାର ପ୍ରଧାନ, ଅମରେନ୍ଦ୍ର ମହାନ୍ତି, ଅନିତା ଆବାସ୍, ପୁଷ୍ପିତା ନାଏକ ତଥା ସମସ୍ତ ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଜାତୀୟ ସମ୍ମାନ ସଫଳ ହୋଇଅଛି।



# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ସିନାପାଲି, ୬।୩(ସମିସ)**

ନୂଆପଡ଼ା ଜିଲ୍ଲାର ସିନାପାଲି ଖଡିଆଳ ମୁଖ୍ୟ ରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁଥିବା ବେଳେ ଗଣ୍ଡାବାହାଲି ନିକଟରେ ବିବାଦୀୟ ହୋଇ ଅଟକ ରହିଥିଲା। ସେନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଜବରଦଖଲ ଉଚ୍ଛେଦ କରିବାକୁ ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିଲା। ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ମଧ୍ୟ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଥିଲେ। ହେଲେ ଶୁକ୍ରବାର ପ୍ରଶାସନ ତରଫରୁ ବ୍ୟାପକ ପୁଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରକାଶ ଯେ ଗ୍ରାମବାସୀ କିଛିଦିନ ତଳେ ନୂଆପଡ଼ା ଜିଲ୍ଲାପାଳଙ୍କୁ ଗଣ୍ଡାବାହାଲି ଠାରେ ଜବରଦଖଲ ଉଚ୍ଛେଦ କରିବାକୁ ଲିଖିତ ଦାବି ଜଣାଇଥିବା ବେଳେ ମାର୍ଚ୍ଚ ୫ ତାରିଖ ରାସ୍ତା ରୋକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ।ପ୍ରଶାସନିକ ଟିମ୍ ଗଣ୍ଡାବାହାଲି ରେ ପହଞ୍ଚି ଆଲୋଚନା କରି ଜବରଦଖଲ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଶୁକ୍ରବାର ପ୍ରଶାସନ ଏକ ଜେସିବି ଗାଡି ସହାୟତାରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଛି। ଉଚ୍ଛେଦ କାର୍ଯ୍ୟ ସମୟରେ ଉପଜିଲ୍ଲାପାଳ ସୁର୍ମି ସୋରେନ, ଖଡିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ଦୁର୍ଗାମାଧବ ବାଗ, ତହସିଲଦାର ଉପାଞ୍ଜଳି ମାଝି, ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ବିଦ୍ୟୁତ ବିଭାଗ, ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ ଅଧିକାରୀ କର୍ମଚାରୀ ସମେତ ସିନାପାଲି ଓ ବୋଡ଼େନ ବ୍ଲକର ରାଜସ୍ୱ ବିଭାଗୀୟ ଅଧିକାରୀ, ଥାନା କର୍ମଚାରୀ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



**ବିବାଦୀୟ ଗଣ୍ଡାବାହାଲି ମୁଖ୍ୟରାସ୍ତା**

